# ପ୍ରମେୟ

# ତାରିଖ: ୧୨.୦୩.୨୦୧୮

## ବିଆଇଆଇଟିଏମ୍‌ର 'ଜସନ୍‌-୨୦୧୮'



ଭୁବନେଶ୍ୱର,୧୧।୩(ବ୍ୟୁରୋ): ପଟିଆ ଛକରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍‌ ଅଫ୍‌ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍‌ (ବିଆଇଆଇଟିଏମ୍‌)ର ବାର୍ଷିକ ଉତ୍ସବ 'ଜସନ୍‌-୨୦୧୮' ପାଳିତ ହୋଇଯାଇଛି । ୱାଲେଟ୍‌ ଫର୍‌ ୱେଲଥ୍‌'ର ଅଧ୍ୟକ୍ଷ ତ୍ରିନାଥ ଲେଙ୍କା ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ ।

ଏ ଅବସରରେ ସେ କହିଥିଲେ, ଏ କ୍ଷେତ୍ରରେ ସଫଳତା ମିଳିବା ସହଜସାଧ୍ୟ ନୁହେଁ । ଏଥିପାଇଁ ଏବେଠୁ କଠିନ ଅଧ୍ୟବସାୟ ଆରମ୍ଭ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କମ୍‌ ସମୟରେ ଅନୁଷ୍ଠାନ ହାସଲ କରିଥିବା ସଫଳତାକୁ ଆଗାମୀ ଦିନରେ ଦ୍ୱିଗୁଣିତ କରିବାକୁ ସେ ଆହ୍ୱାନ ଦେଇଥିଲେ । ୟୁରୋଲିଙ୍କ ଲିମିଟେଡ୍‌ର ନିର୍ଦ୍ଦେଶକ ଇଂ ସଞ୍ଜୟ ଚୌଧୁରୀ ନିଷ୍ଠା ଓ ପରିଶ୍ରମ ଉପରେ ହିଁ ଲକ୍ଷ୍ୟ ହାସଲ କରିବାର ମୂଳ ମନ୍ତ୍ର ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଆଇଆଇଟିଏମ୍‌ର ପ୍ରଫେସର ତଥା ଅଧ୍ୟକ୍ଷ ପିକେ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଉପଦେଷ୍ଟା ଇଂ ପି.ଆର ପଟ୍ଟନାୟକ, ପ୍ରଫେସର ଡ. ବିକେ ବଳ, ଏଏ ଖାନ୍‌ ଓ ଫ୍ରଫେସର ସୁଭାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍‌ ଆକର୍ଷଣୀୟ ହୋଇଥିଲା । ସମାଜରେ ମାଆର ଭୂମିକାକୁ ନେଇ ପରିବେଷିତ ନାଟକ 'ମା' ଦର୍ଶକଙ୍କ ମନକୁ ବେଶ୍‌ ଛୁଇଁଥିଲା । ୪୦ ଜଣ ଛାତ୍ରଛାତ୍ରୀ ଷ୍ଟେଜ୍‌ରେ ଚିତାକର୍ଷକ 'ର୍‍ୟାମ୍ପ ସୋ' କରିଥିଲେ । ଏଥିରେ ନାଟକ, ସମ୍ବଲପୁରୀ ନୃତ୍ୟ, ଡିଜେ ନାଇଟ୍‌ ସହ ଅନ୍ୟାନ୍ୟ ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।